ଷଷ୍ଠ ଅଧ୍ୟାୟ

# ମୋଗଲ ସାମ୍ରାଜ୍ୟର ପତନ

ମୋଗଲମାନେ ଭାରତକୁ ଦୀର୍ଘ ଦୁଇଶହରୁ ଅଧିକ ବର୍ଷ ଶାସନ କରିଥିଲେ । ଆକବରଙ୍କର ଉଦାରନୀତି ଓ ସୁଶାସନ ଦ୍ୱାରା ମୋଗଲ ସାମ୍ରାଜ୍ୟର ଭିତ୍ତି ସୁଦୃଢ଼ ହୋଇପାରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଔରଙ୍ଗଜେବ୍‌ଙ୍କ ଧର୍ମାନ୍ଧତା ଓ କୁଶାସନ ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ ଓ ପତନାଭିମୁଖୀ କରିଥିଲା ।

**ଜାଣିଛ କି?**
ଯେ କୌଣସି ସାମ୍ରାଜ୍ୟର ସମୃଦ୍ଧି ସେହି ଦେଶର ଶାସକଙ୍କ ଦକ୍ଷତା ଏବଂ ଚରିତ୍ର ଉପରେ ନିର୍ଭର କରିଥାଏ ।

## କେନ୍ଦ୍ରଶକ୍ତିର ଦୁର୍ବଳତା:

ଔରଙ୍ଗଜେବ୍‌ଙ୍କ ପରେ ମୋଗଲ ସାମ୍ରାଜ୍ୟକୁ ଶାସନ କରିବା ପାଇଁ ଆବଶ୍ୟକ ଦକ୍ଷତା, ପରବର୍ତ୍ତୀ ଶାସକମାନଙ୍କର ନଥିଲା। ସେମାନେ ସର୍ବଦା ଭୋଗ ବିଳାସରେ ମଜ୍ଜି ରହିବା ଫଳରେ ସେମାନଙ୍କର ନୈତିକ ଅଧୋଗତି ଘଟିଲା। ଅମୀର ଏବଂ ରାଜ କର୍ମଚାରୀମାନେ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ ମୋଗଲ ଦରବାରରେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ନାନା ଷଡ଼ଯନ୍ତ୍ରରେ ଲିପ୍ତ ରହିଲେ । କ୍ରମେ ସମ୍ରାଟମାନେ ସେମାନଙ୍କର ଚକ୍ରାନ୍ତର ଶିକାର ହେବା ଫଳରେ କେନ୍ଦ୍ର ଶାସନର ଅଧଃପତନ ଘଟିଲା। ଦିଲ୍ଲୀର ଆଖପାଖ ଅଂଚଳ ବ୍ୟତୀତ ସୁଦୂର ପ୍ରଦେଶଗୁଡ଼ିକରେ କେନ୍ଦ୍ରଶକ୍ତିର କୌଣସି କର୍ତ୍ତୃତ୍ୱ ରହିଲା ନାହିଁ ହେଲେ ମୋଗଲ ଦରବାର ଗୋଷ୍ଠୀ ବିବାଦ କେନ୍ଦ୍ରଶକ୍ତିକୁ ଆହୁରି ଦୁର୍ବଳ କରିଦେଲା ।

ଆମ ଦେଶର କେନ୍ଦ୍ର ଶାସନ ଦୁର୍ବଳ ହେଲେ, କଣ କଣ ଅସୁବିଧା ହେବ, ଆଲୋଚନା କରି ଲେଖ ।

## ଅର୍ଥନୈତିକ କାରଣ :

ମୋଗଲ ସମ୍ରାଟ ଆକବର ଏକ ସୁଚିନ୍ତିତ ଶାସନ ପ୍ରଣାଳୀ ପରିବର୍ତ୍ତନ କରି ମୋଗଲ ସାମ୍ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରି ପାରିଥିଲେ । ମାତ୍ର ପରବର୍ତ୍ତୀ ମୋଗଲ ସମ୍ରାଟମାନଙ୍କ ସମୟରେ ଶାସନ ପ୍ରଣାଳୀରେ ପରିବର୍ତ୍ତନ ଘଟିଲା। ଜାହାଙ୍ଗୀର୍ ଶାସନରେ ନୁରଜାହାନ୍ ପ୍ରକୃତ ଶାସନଭାର ଗ୍ରହଣ କରି, ଅର୍ଥନୀତି ପ୍ରତି ଦୃଷ୍ଟି ଦେଲେ ନାହିଁ । ଶାହାଜାହାନ୍‌ଙ୍କ ସମୟରେ ମଧ୍ୟ ଅନେକ ରାଜପ୍ରାସାଦ ଓ ସୌଧ ନିର୍ମାଣ ହୋଇଥିବାରୁ ବହୁ ଅର୍ଥ ଖର୍ଚ୍ଚ ହେଇଥିଲା। ତେଣୁ ତାଙ୍କ ରାଜତ୍ୱ କାଳରେ ଭୂ-ରାଜସ୍ୱ ଶତକଡ଼ା ୫୦ ଭାଗକୁ ବୃଦ୍ଧି ପାଇଥିଲା। ଏତତ୍‌ବ୍ୟତୀତ ମୋଗଲ ସମ୍ରାଟମାନେ ଶତ୍ରୁ କବଳରୁ ନିଜ ଦେଶକୁ ରକ୍ଷା କରିବା ପାଇଁ କ୍ରମାଗତ ଯୁଦ୍ଧ କରିବା ଫଳରେ ରାଜକୋଷ ଶୂନ୍ୟ ହୋଇଥିଲା।

**ଚିନ୍ତା କର ।**
ତୁମେ ଯଦି ମୋଗଲ ସାମ୍ରାଜ୍ୟର ଜଣେ ରାଜା ହୋଇଥାନ୍ତ, ଅର୍ଥନୀତିର ସୁଧାର ଆଣିବା ପାଇଁ ତୁମେ କେଉଁ କେଉଁ ପଦକ୍ଷେପ ନେଇଥାନ୍ତ ଚିନ୍ତା କରି ଲେଖ ।

ଅର୍ଥ ଅଭାବରୁ ବ୍ୟବସାୟ ବାଣିଜ୍ୟ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏସବୁ ସାଙ୍ଗକୁ ଦୁର୍ଭିକ୍ଷ ହେବା ଫଳରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଥିଲା।

## ଧର୍ମଗତ କାରଣ :

ଔରଙ୍ଗଜେବ୍‌ଙ୍କ ହିନ୍ଦୁ ବିଦ୍ୱେଷ ନୀତି ମୋଗଲ ସାମ୍ରାଜ୍ୟର ପତନର ଅନ୍ୟ ଏକ କାରଣ ଥିଲା। ସେ ଉଠାଇ ଦିଆଯାଇଥିବା ଜିଜିୟା ଓ ତୀର୍ଥଯାତ୍ରୀ କର ହିନ୍ଦୁମାନଙ୍କ ଉପରେ ବସାଇଥିଲେ । ହିନ୍ଦୁମାନଙ୍କୁ ରାଜକାର୍ଯ୍ୟରୁ ବାହାର କରିଦେଲେ । ଶିଖମାନଙ୍କୁ ମଧ୍ୟ ସେ ଭଲ ବ୍ୟବହାର ଦେଖାଉ ନ ଥିଲେ ଫଳରେ ସେମାନେ ମଧ୍ୟ ଔରଙ୍ଗଜେବଙ୍କ ଶତ୍ରୁ ହୋଇ ଉଠିଲେ ।

**ଚିନ୍ତା କର ।**

ଔରଙ୍ଗଜେବ କଣ କରିଥିଲେ ତାଙ୍କ ଧର୍ମନୀତି ସମସ୍ତ ଶ୍ରେଣୀର ଲୋକମାନଙ୍କୁ ଭଲ ଲାଗିଥାନ୍ତା, ଚିନ୍ତା କରି ଲେଖ ।

## ପ୍ରାଦେଶିକ ଶାସକମାନଙ୍କ ସ୍ୱାଧୀନତା ଘୋଷଣା

ମୋଗଲ ଶାସନ ଦୁର୍ବଳ ହୋଇ ପଡ଼ିବା ଫଳରେ କେନ୍ଦ୍ରୀୟ ଶାସନ ଅଧୀନରୁ ପ୍ରଦେଶଗୁଡ଼ିକ ଆସ୍ତେ ଆସ୍ତେ ସ୍ୱାଧୀନ ହେଲା। ଦାକ୍ଷିଣାତ୍ୟ, ଅଯୋଧ୍ୟା ଓ ବଙ୍ଗଳା କ୍ରମେ ସ୍ୱାଧୀନ ହୋଇଗଲା। ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନେ ଦାକ୍ଷିଣାତ୍ୟରେ କ୍ରମଶଃ କ୍ଷମତା ବିସ୍ତାର କରିବାକୁ ଲାଗିଲେ । ସେମାନେ ଅହମ୍ମଦନଗର, ବିଜାପୁର ଓ ଗୋଲକୁଣ୍ଡା ରାଜ୍ୟଗୁଡ଼ିକୁ ଆକ୍ରମଣ କରି କେତେକ ଦୁର୍ଗ ଅଧିକାର କରିଥିଲେ ଫଳରେ ବିଭିନ୍ନ ସ୍ୱାଧୀନ ରାଜ୍ୟର ଅଭ୍ୟୁଥାନ ହେଲା ଓ ମୋଗଲ ସାମ୍ରାଜ୍ୟର ସୀମା ସଙ୍କୁଚିତ ହୋଇଥିଲା ।

ଶିଖ୍, ରାଜପୁତ୍, ଜାଠ ଓ ରୋହିଲାମାନେ ମୋଗଲମାନଙ୍କ ସହ ସଂପର୍କ ଛିନ୍ନ କରିଥିଲେ । ବଙ୍ଗଳାର ଶାସକ, ବଙ୍ଗ ସହିତ ଓଡ଼ିଶା ଓ ବିହାରକୁ ମିଶାଇ ଏକ ବିରାଟ ଅଂଚଳ ଉପରେ ନିଜର ସ୍ୱାଧୀନତା ଘୋଷଣା କରିଥିଲେ । ଏହି କାରଣ ଯୋଗୁଁ ମୋଗଲ ସାମ୍ରାଜ୍ୟ ପତନର ରାସ୍ତା ଫିଟିଯାଇଥିଲା ।

ମୋଗଲ ଶାସକଙ୍କ ଦୁର୍ବଳତାର ସୁଯୋଗ ନେଇ କେଉଁ କେଉଁ ପ୍ରାଦେଶିକ ଶାସକ ସ୍ୱାଧୀନତା ଘୋଷଣା କଲେ, ତାର ଏକ ତାଲିକା ପ୍ରସ୍ତୁତ କର ।

## ବୈଦେଶିକ ଶତ୍ରୁ ଆକ୍ରମଣ:

ପାରସ୍ୟର ସମ୍ରାଟ ନାଦିର ଶାହା ୧୭୩୯ ଖ୍ରୀଷ୍ଟାବ୍ଦରେ ମୋଗଲ ସାମ୍ରାଜ୍ୟ ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀ ଆକ୍ରମଣ କରି ପ୍ରଚୁର ଧନରତ୍ନ ଲୁଣ୍ଠନ କରିଥିଲେ । ସେ ଶାହାଜାହାନ୍‌ଙ୍କ ପ୍ରସିଦ୍ଧ ମୟୂର ସିଂହାସନ ଓ କୋହିନୂର ନାମକ ବିଶ୍ୱବିଖ୍ୟାତ ହୀରା ଭାରତରୁ ତାଙ୍କ ଦେଶ ପାରସ୍ୟ (ଇରାନ) କୁ ନେଇ ଯାଇଥିଲେ । ଏହି ଆକ୍ରମଣ ଫଳରେ ସିନ୍ଧୁପ୍ରଦେଶ, ଲାହୋର,କାବୁଲ ପ୍ରଭୃତି ଅଂଚଳ ପାରସ୍ୟ ସାମ୍ରାଜ୍ୟରେ ମିଶିଥିଲା।


ନାଦିରଶାହା

ନାଦିରଶାହାଙ୍କ ପରେ ଆଫଗାନିସ୍ଥାନର ଶାସକ ଅହମ୍ମଦଶାହ ଅବ୍‌ଦଲୀ ୧୭୪୮ ଖ୍ରୀଷ୍ଟାବ୍ଦରୁ ୧୭୬୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅନେକ ଥର ଭାରତ ଆକ୍ରମଣ କରିଥିଲେ । ୧୭୬୧ ଖ୍ରୀଷ୍ଟାବ୍ଦରେ ଅହମ୍ମଦଶାହ ଅବଦଲୀ ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କୁ ପରାସ୍ତ କରିଥିଲେ ।



ଅହମ୍ମଦଶାହା ଅବଦଲୀ

ଇଉରୋପୀୟ ବଣିକମାନେ ମଧ୍ୟ ମୋଗଲ ସାମ୍ରାଜ୍ୟର ଦୁରବସ୍ଥାର ସୁଯୋଗ ନେଇଥିଲେ । ପର୍ତ୍ତୁଗୀଜ୍‌ମାନଙ୍କ ପରେ ଓଲନ୍ଦାଜ୍, ଦିନାମାର, ଇଂରେଜ ଓ ଫରାସୀମାନେ ନିଜ ନିଜର ବାଣିଜ୍ୟ କଂପାନୀ ସହ ଭାରତକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଇଂରେଜ ଓ ଫରାସୀ ଇଷ୍ଟଇଣ୍ଡିଆ କଂପାନୀ ଅଧିକ ଶକ୍ତିଶାଳୀ ହୋଇ ଉଠିଲେ । ଶେଷରେ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂରେଜମାନେ ଅଧିକ ଶକ୍ତିଶାଳୀ ହୋଇ ଭାରତରେ ରାଜ୍ୟ ବିସ୍ତାର କରିଥିଲେ ଫଳରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା ।

**ଚିନ୍ତା କର:**

ଭାରତକୁ ବିଭିନ୍ନ ସମୟରେ ବୈଦେଶିକ ଶତ୍ରୁମାନେ ଆକ୍ରମଣ କରିବା ପଛରେ କଣ କାରଣ ଅଛି ?

## ଆମେ କଣ ଶିଖିଲେ

- କେନ୍ଦ୍ରଶକ୍ତିର ଦୁର୍ବଳତା, ଅର୍ଥନୈତିକ, ବିପର୍ଯ୍ୟୟ, ଧର୍ମ ବିଦ୍ୱେଷ ନୀତି ପ୍ରାଦେଶିକ ଶାସକମାନଙ୍କ ସ୍ୱାଧୀନତା ଘୋଷଣା ଆଦି କାରଣ ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା ।
- ନାଦିର ଶାହା ଭାରତରୁ ଶାହାଜାହାନଙ୍କ ପ୍ରସିଦ୍ଧ ମୟୂର ସିଂହାସନ ଓ କୋହିନୂର ହୀରା ନେଇ ଯାଇଥିଲେ ।
- ଅହମ୍ମଦଶାହ ଅବଦଲୀ ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କୁ ପରାସ୍ତ କରିଥିଲେ ।

# ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କ ଉତ୍ତର ଦିଅ।**

କ. କେନ୍ଦ୍ରଶକ୍ତିର ଦୁର୍ବଳତା କିପରି ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା, ଆଲୋଚନା କର ।

ଖ. ଔରଙ୍ଗଜେବ୍‌ଙ୍କ ଧର୍ମନୀତି ମୋଗଲ ସାମ୍ରାଜ୍ୟର ପତନ ପାଇଁ କିପରି ଦାୟୀ ଥିଲା,ଲେଖ ।

ଗ. କେଉଁ କେଉଁ ପ୍ରାଦେଶିକ ଶକ୍ତିମାନଙ୍କର ସ୍ୱାଧୀନତା ଘୋଷଣା ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା ?

ଘ. ବୈଦେଶିକ ଶତ୍ରୁମାନଙ୍କର ଭାରତ ଆକ୍ରମଣ କିପରି ମୋଗଲ ସାମ୍ରାଜ୍ୟର ପତନ ପାଇଁ ଦାୟୀ, ଉଲ୍ଲେଖ କର ।

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

କ. କାହାର ଧର୍ମନୀତି ମୋଗଲ ସାମ୍ରାଜ୍ୟର ପତନ ପାଇଁ ଦାୟୀ ଥିଲା ?
(ବାବର, ଜାହାଙ୍ଗୀର, ଔରଙ୍ଗଜେବ୍, ଶାହାଜାହାନ୍)

ଖ. କିଏ ଭାରତରୁ ମୟୂର ସିଂହାସନ ନେଇ ଯାଇଥିଲେ ?
(ବୈରାମ ଖାଁ, ଶିବାଜୀ, ନାଦୀର ଶାହ, ଅହମ୍ମଦ ଶାହ ଅବଦଲୀ)

ଗ. କେଉଁ ବୈଦେଶିକ ଆକ୍ରମଣକାରୀ ମରହଟ୍ଟାମାନଙ୍କୁ ତୃତୀୟ ପାନିପଥ ଯୁଦ୍ଧରେ ପରାସ୍ତ କରିଥିଲେ?
(ତୈମୁରଲଙ୍ଗ, ନାଦିରଶାହା, ଅହମ୍ମଦଶାହ ଅବଦଲୀ, ରବର୍ଟ କ୍ଲାଇବ)

ଘ. କେଉଁ ଖ୍ରୀଷ୍ଟାବ୍ଦରେ ନାଦିର ଶାହା ଭାରତ ଆକ୍ରମଣ କରିଥିଲେ ?
(୧୫୪୨, ୧୭୩୯, ୧୭୪୮, ୧୭୬୧)

ଙ. ତୃତୀୟ ପାନିପଥ ଯୁଦ୍ଧ କେଉଁ ଖ୍ରୀଷ୍ଟାବ୍ଦରେ ହୋଇଥିଲା ?
(୧୭୪୧, ୧୭୫୧, ୧୭୫୭, ୧୭୬୧)

୩. ମୋଗଲ ସାମ୍ରାଜ୍ୟର ପତନ ପାଇଁ ଅର୍ଥନୈତିକ ଓ ଧର୍ମଗତ କାରଣ ମଧ୍ୟରୁ ତୁମେ କେଉଁଟିକୁ ପ୍ରାଧାନ୍ୟ ଦେବ ଏବଂ କାହିଁକି?

୪. ମରହଟ୍ଟା ଓ ବଙ୍ଗର ଶାସକ ମଧ୍ୟରୁ କିଏ ମୋଗଲ ସାମ୍ରାଜ୍ୟର ପତନ ପାଇଁ ବେଶି ଦାୟୀ ଥିଲେ, ପ୍ରମାଣ ସହ ଦର୍ଶାଅ ?

୫. କେଉଁ ବୈଦେଶିକ ଆକ୍ରମଣ ମୋଗଲ ସାମ୍ରାଜ୍ୟର ବିଶେଷ କ୍ଷତି ଘଟାଇଥିଲା ଓ କାହିଁକି?

## ତୁମ ପାଇଁ କାମ

ମୋଗଲ ସମ୍ରାଟମାନଙ୍କର ଫଟୋଚିତ୍ର ସଂଗ୍ରହ କରି ସେମାନଙ୍କ ପ୍ରଧାନ କାର୍ଯ୍ୟାବଳୀ ସଂପର୍କରେ ଉଲ୍ଲେଖ କର ।